# ନିଯୁକ୍ତି ବିଜ୍ଞାପନ

ଏ.ଏସ୍.ଆଇ., ଏସ୍.ଆଇ., ଇନିସପେକ୍ଟର ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ୍, କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ, ସାମରିକ ବାହିନୀ, ତଟ ସୁରକ୍ଷା ବାହିନୀର ବ୍ୟକ୍ତି ବିଶେଷଙ୍କ ପାଇଁ ୦୯ (ନଅ) ଗୋଟି (ସଂଖ୍ୟା ପରିବର୍ତ୍ତନ ହୋଇପାରେ) ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡିକ ପୋଲିସ୍ କମିଶନର, ଭୁବନେଶ୍ୱର-କଟକ, ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର-୭୫୧୦୦୧ ଙ୍କ କାର୍ଯ୍ୟାଳୟରେ ତା. ୨୦.୧୦.୨୦୧୬ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା କିମ୍ବା ପୂର୍ବରୁ ପହଞ୍ଚିବା ଉଚିତ୍ । ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡିକ ନିର୍ଦ୍ଧାରିତ ତାରିଖ ପରେ ଆସି ପହଞ୍ଚିଲେ ଗ୍ରହଣ ଯୋଗ୍ୟ ହେବ ନାହିଁ । ପ୍ରାର୍ଥୀମାନେ କଟକ କିମ୍ବା ଭୁବନେଶ୍ୱର ସହରାଞ୍ଚଳରେ ନିଯୁକ୍ତି ପାଇଁ ନିଜର ମତ ଦେବେ । ନିଯୁକ୍ତି ପରୀକ୍ଷା ତା.୨୬.୧୦.୨୦୧୬ ରିଖ ସକାଳ ୯.୦୦ ଘଟିକା ସମୟରେ ରିଜର୍ଭ ପୋଲିସ୍ ଲାଇନ୍ ପରିସର, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ।

ସ୍ୱା/-
ଅତିରିକ୍ତ ପୋଲିସ୍ କମିଶନର
ଭୁବନେଶ୍ୱର-କଟକ ।

# ନିଯୁକ୍ତି ବିଜ୍ଞାପନ

ଏ.ଏସ୍.ଆଇ., ଏସ୍.ଆଇ., ଇନିସପେକ୍ଟର ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ୍ , କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ, ସାମରିକ ବାହିନୀ, ତଟ ସୁରକ୍ଷା ବାହିନୀର ବ୍ୟକ୍ତି ବିଶେଷଙ୍କ ପାଇଁ ୦୯ (ନଅ) ଗୋଟି (ସଂଖ୍ୟା ପରିବର୍ତ୍ତନ ହୋଇପାରେ) ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡିକ ପୋଲିସ୍ କମିଶନର, ଭୁବନେଶ୍ୱର - କଟକ, ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର – ୭୫୧୦୦୧ ଙ୍କ କାର୍ଯ୍ୟାଳୟରେ ତା.୨୦.୧୦.୨୦୧୬ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା କିମ୍ବା ପୂର୍ବରୁ ପହଞ୍ଚିବା ଉଚିତ୍ । ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡିକ ନିର୍ଦ୍ଧାରିତ ତାରିଖ ପରେ ଆସି ପହଞ୍ଚିଲେ ଗ୍ରହଣ ଯୋଗ୍ୟ ହେବ ନାହିଁ । ପ୍ରାର୍ଥୀମାନେ କଟକ କିମ୍ବା ଭୁବନେଶ୍ୱର ସହରାଞ୍ଚଳରେ ନିଯୁକ୍ତି ପାଇଁ ନିଜର ମତ ଦେବେ ।

<u>ଯୋଗ୍ୟତା</u> - ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ମନୋନୟନ ପାଇଁ ପରୀକ୍ଷା ଦେବା ନିମନ୍ତେ ଅବସର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ –

- କ) ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।
- ଖ) ପ୍ରାର୍ଥୀଙ୍କର ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା ୬୨ ବର୍ଷରୁ ଅଧିକ ହୋଇନଥିବ ।
- ଗ) ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।
- ଘ) ଅକଳଙ୍କିତ ଚାକିରି ଦଲିଲ ଥିବ ।
- ଙ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ଦଣ୍ଡିତହୋଇ ନଥିବେ ବା ନିଜର ଚାକିରିକାଳରେ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ କୌଣସି ଗୁରୁତର ଦଣ୍ଡ ରେ ଦଣ୍ଡିତ ହୋଇନଥିବେ ।
- ଚ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ସଂପୃକ୍ତ ନଥିବେ ।
- ଛ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନ ଥିବେ ।

ଆବେଦନକାରୀ ଏକ ବର୍ଷରୁ ଅନଧିକ ପୁନଃ-ନିଯୁକ୍ତି ପାଇଁ ଚୁକ୍ତି ସମ୍ପାଦନା କରିବେ । ସନ୍ତୋଷଜନକ କାର୍ଯ୍ୟ ଏବଂ ଆବଶ୍ୟକତା ଦୃଷ୍ଟିରୁ ଚୁକ୍ତିକୁ ପରିବର୍ଦ୍ଧିତ କରାଯାଇପାରେ । ୬୪ ବର୍ଷ ବୟସ ପରେ କୌଣସି ପ୍ରାର୍ଥୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇପାରିବ ନାହିଁ ।

୧- <u>ପାରିଶ୍ରମିକ ହାର</u>- ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ମାନଙ୍କର ନିଯୁକ୍ତି ପରେ ପ୍ରାର୍ଥୀ ମାନଙ୍କୁ ନିର୍ଦ୍ଧାରିତ ମାସିକ ପାରିଶ୍ରମିକ ପ୍ରଦାନ କରାଯିବ-

(କ) ଅବସରପ୍ରାପ୍ତ ଇନିସପେକ୍ଟର ବା ସମତୁଲ୍ୟ ପଦବୀ – ଟ.୮୦୦୦/-

(ଖ) ଅବସରପ୍ରାପ୍ତ ଏସ୍.ଆଇ. ବା ସମତୁଲ୍ୟ ପଦବୀ – ଟ.୭୦୦୦/-

(ଗ) ଅବସରପ୍ରାପ୍ତ ଏ.ଏସ୍.ଆଇ. ବା ସମତୁଲ୍ୟ ପଦବୀ – ଟ.୬୦୦୦/-

୨- ଭତ୍ତା- ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ନିଯୁକ୍ତିପରେ ପ୍ରାର୍ଥୀ ମାନଙ୍କୁ ନିମ୍ନଲିଖିତ ଭତ୍ତା ପ୍ରଦାନ କରାଯିବ –

(କ) ପୋଷାକପତ୍ର ସଫାସୁତୁରା ଭତ୍ତା – ଟ.୭୫/- ମାସିକ

(ଖ) ପୋଷାକ ଭତ୍ତା – ଟ.୩୮୫୬/- ବାର୍ଷିକ

୩- <u>ତାରିଖ ଏବଂ ନିଯୁକ୍ତି ପରୀକ୍ଷା ସ୍ଥାନ</u> - ନିଯୁକ୍ତି ପରୀକ୍ଷା ତା.୨୬.୧୦.୨୦୧୬ ରିଖ ସକାଳ ୯.୦୦ ଘଟିକା ସମୟରେ ରିଜର୍ଭ ପୋଲିସ୍ ଲାଇନ୍ ପରିସର, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ନିଯୁକ୍ତି ପରୀକ୍ଷା ସମୟରେ ପ୍ରମାଣପତ୍ରର ତନଖି, ଡାକ୍ତରୀ ପରୀକ୍ଷା , ଲିଖିତ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ବ୍ୟକ୍ତିତ୍ୱ ପରିକ୍ଷା ଅନୁଷ୍ଠିତ ହେବ ।

୪- <u>ଡାକ୍ତରୀ ପରୀକ୍ଷା</u> - ପ୍ରଥମେ ପ୍ରାର୍ଥୀ ମାନଙ୍କର ଏକ ଡାକ୍ତରୀ ପରୀକ୍ଷା କରାଯିବ । ମେଡିକାଲ୍ ବୋର୍ଡ ଦ୍ୱାରା ପ୍ରାର୍ଥୀ ମାନଙ୍କର ଶାରୀରିକ ସୁସ୍ଥତା ପରୀକ୍ଷା କରାଯିବ ଏବଂ ମେଡିକାଲ୍ ବୋର୍ଡର ନିଷ୍ପତ୍ତି ଚୂଡାନ୍ତ ହେବ । ଯେଉଁ ପ୍ରାର୍ଥୀ ମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ, ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ । କେବଳ ଯେଉଁ ପ୍ରାର୍ଥୀମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେମାନେ ନିଯୁକ୍ତି ପ୍ରକ୍ରିୟାର ପରବର୍ତ୍ତୀ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ।

୫- <u>ଶାରୀରିକ ପରୀକ୍ଷା</u> - ପ୍ରାର୍ଥୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ । ଦିନ ବା ରାତି କଠିନ ପରିଶ୍ରମ କରି ୮ ଘଣ୍ଟା କ୍ଷେତ୍ର ଡ୍ୟୁଟି କରିପାରିବାର ଦକ୍ଷତା ଥିବା ଦରକାର । ଶାରୀରିକ

କ୍ଷମତା ଏବଂ କ୍ଷେତ୍ର ଡ୍ୟୁଟି ପରିଚାଳନା ଦକ୍ଷତା ମାପିବା ପାଇଁ ଏକ ଶାରୀରିକ ପରୀକ୍ଷା ଦେବାକୁ ହେବ । ପ୍ରାର୍ଥୀମାନେ ୫ କି.ମି. ଦୂରତା ପାଦରେ ଅତିକ୍ରମ ପାଇଁ ୧ ଘଣ୍ଟା ୨୦ ମିନିଟ୍ ଦିଆଯିବ । ଯେଉଁମାନେ ନିର୍ଦ୍ଧାରିତ ସମୟ ଭିତରେ ପହଞ୍ଚିବାରେ ଅକୃତକାର୍ଯ୍ୟ ହେବେ ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ ।

୬- <u>ବ୍ୟକ୍ତିତ୍ୱ ପରିକ୍ଷା</u> - ଯେଉଁ ପ୍ରାର୍ଥୀ ମାନେ ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେମାନେ ପ୍ରବରଣ ମଣ୍ଡଳୀ (ସିଲେକ୍ସନ ବୋର୍ଡ) ଆଗରେ ବ୍ୟକ୍ତିତ୍ୱ ପରୀକ୍ଷା ଦେବେ । ସିଲେକ୍ସନ ବୋର୍ଡ ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ବା କର୍ମଚାରୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବେ । ଯେଉଁ ମାନେ ପୁନଃ ନିଯୁକ୍ତି ପାଇବେ ସେମାନେ ପୋଲିସ୍ ମହାନିର୍ଦ୍ଦେଶକ ତଥା ପୋଲିସ୍ ମହାନିରୀକ୍ଷକ, ଓଡିଶାଙ୍କ ପ୍ରସ୍ତାବିତ ପୋଷାକ ଓ ପରିଚୟ ଫଳକ ପିନ୍ଧିବେ ।

୭- <u>ପ୍ରାର୍ଥୀ ମାନେ ନିମ୍ନଲିଖିତ ପ୍ରମାଣପତ୍ର ସାଙ୍ଗରେ ଦେବେ</u> –
ପ୍ରାର୍ଥୀ ମାନେ ନିମ୍ନଲିଖିତ ନିଜ ଦ୍ୱାରା ସାକ୍ଷର ହୋଇଥିବା ପ୍ରମାଣପତ୍ରର ନକଲ ନିଯୁକ୍ତି ଦରଖାସ୍ତ ସହ ଦାଖଲ କରିବେ ।

(କ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସାକ୍ଷର ହୋଇଥିବା ଦୁଇଗୋଟି ପାସପୋଟ ସାଇଜର ରଙ୍ଗିନ୍ ଫଟୋଗ୍ରାଫ ।
(ଖ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସାକ୍ଷର ହୋଇଥିବା ଶିକ୍ଷା ଓ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ।
(ଗ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସାକ୍ଷର ହୋଇଥିବା କର୍ମଚ୍ୟୁତ ପ୍ରମାଣପତ୍ର ।
(ଘ) ଦୁଇଜଣ ଗ୍ରୁପ୍-ବି ଗେଜେଟେଡ୍ ଅଫିସର୍ଙ୍କ ଦ୍ୱାରା ସାକ୍ଷର ହୋଇଥିବା ଦୁଇ ଗୋଟି ଚରିତ୍ରଗତ ପ୍ରମାଣପତ୍ର ।

ଆବେଦନକାରୀ ନିମ୍ନଲିଖିତ ନିର୍ଦ୍ଧାରିତ ଫର୍ମରେ ସମ୍ପୂର୍ଣ୍ଣ ଏବଂ ସଠିକ୍ ଭାବରେ ପୂରଣ କରିବା ସହିତ ଆବଶ୍ୟକୀୟ କାଗଜପତ୍ର ପଠାଇବେ । ଯଦି କୌଣସି ପ୍ରାର୍ଥୀ ନିର୍ଦ୍ଧାରିତ ଫର୍ମ ଅସମ୍ପୂର୍ଣ୍ଣ ଭାବରେ କିମ୍ବା ନିର୍ଦ୍ଧାରିତ ସମୟସୀମା ପରେ ଫର୍ମ ଦାଖଲ କରିବେ ସେଗୁଡିକ ବିଚାର ଯୋଗ୍ୟ ହେବନାହିଁ ।

ରଣ ପିଷ୍ଟି

ଅତିରିକ୍ତ ପୋଲିସ୍ କମିଶନର
ଭୁବନେଶ୍ୱର-କଟକ ।

ଅବସର ପ୍ରାପ୍ତ ଏ.ଏସ୍.ଆଇ., ଏସ୍.ଆଇ., ଇନିସପେକ୍ଟର ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ୍, କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ, ସାମରିକ ବାହିନୀ, ତଟ ସୁରକ୍ଷା ବାହିନୀର ବ୍ୟକ୍ତି ବିଶେଷଙ୍କ ପାଇଁ ଖାଲିଥିବା ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ଦରଖାସ୍ତ ଫର୍ମ ।

----------

(କ)

୧. ସମ୍ପୂର୍ଣ୍ଣ ନାମ ଓ ଲିଙ୍ଗ –

୨. ପିତା ବା ସ୍ୱାମୀଙ୍କ ନାମ –

୩. ବର୍ତ୍ତମାନର ଠିକଣା – (ପତ୍ରାଳପ ପାଇଁ)

୪. ସମ୍ପୂର୍ଣ୍ଣ ସ୍ଥାୟୀ ଠିକଣା –

୫. ଜନ୍ମ ତାରିଖ –

୬. ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା –

୭. ଶିକ୍ଷାଗତ ଯୋଗ୍ୟତା –

୮. ଅବସର ଗ୍ରହଣ ପୂର୍ବରୁ ଅଳଙ୍କୃତ ପଦବୀ –

୯. କେଉଁ ସଂଗଠନ ବା ବିଭାଗରୁ ଅବସର ଗ୍ରହଣଥିଲେ –

୧୦. ବିଗତ ତିନି ନିଯୁକ୍ତିର ବିବରଣୀ, ତାରିଖ ଓ ସମୟ–

୧୧. ଅବସର ଗ୍ରହଣ ତାରିଖ –

୧୨. ଅବସର ଗ୍ରହଣର ଠିକ୍ ପୂର୍ବରୁ ପାଉଥିବା ଦରମା-

୧୩. ଜାତୀୟତା –

୧୪. ଓଡିଆ କହି, ଲେଖି ଏବଂ ପଢିପାରୁଛନ୍ତି କି ? –

୧୫. ବର୍ଗ –(ସାଧାରଣ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି) –

୧୬. ଚାକିରୀ କାଳ ମଧ୍ୟରେ କୌଣସି ଫୌଜଦାରୀ ମୋକଦ୍ଦମା, ଭିଜିଲାନ୍ସ ଅନୁସଂଧାନ/ ମୋକଦ୍ଦମା ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥିଲା କି ? ଯଦି ହଁ, ତେବେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡ ବିଧାନ କରାଯାଇଛି କି କିମ୍ବା ବର୍ତ୍ତମାନ ସୁଦ୍ଧା ତଦନ୍ତାଧିନ ଅଛି କି । ତେବେ ତାହାର ସବିଶେଷ ବିବରଣୀ ।

୧୭. ଚାକିରି କାଳ ମଧ୍ୟରେ ପାଇଥିବା ପୁରସ୍କାର ଏବଂ ଦଣ୍ଡର ବିଶଦ ବିବରଣୀ (ଉପର ବ୍ୟତୀତ)-

୧୮. ଅବସର ପରେ ଅଳଂକୃତ କରିଥିବା ପଦବୀର ବିବରଣୀ ( ଯଦି କିଛି ଥାଏ) –

୧୯. ଶାରୀରିକ ମାପ ;- ଉଚ୍ଚତା - ଓଜନ -

୨୦. ମୋବାଇଲ ନଂ.

୨୧. ଅନ୍ୟ କିଛି ତଥ୍ୟ ଦେବାକୁ ଚାହୁଁଥିଲେ –

୨୨. ମନୋନିତହେଲେ କେଉଁଠାରେ ନିଯୁକ୍ତି ହେବାପାଇଁ ଚାହିଁବେ(କଟକ/ଭୁ ବନେଶ୍ୱର/ଉଭୟ)-

(ଖ) **ଘୋଷଣା**

ମୁଁ ଶ୍ରୀ ..................... ............... ............... .....................

ପିତା........................................ ଗ୍ରାମ :...................................................

ପୋ:ଅ .......................... ...........ଥାନା ...................................................

ଜିଲ୍ଲା ............................ ଏତଦ୍ୱାରା ଘୋଷଣା କରୁଅଛି କି, ଉପୋରକ୍ତ ତଥ୍ୟଗୁଡିକ ମୋର ଜ୍ଞାତସାର ଅନୁସାରେ ସଂପୂର୍ଣ୍ଣ ସତ୍ୟ ଅଟେ । ଏଥି ମଧ୍ୟରୁ କୌଣସି ସମୟରେ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ କୌଣସି କାରଣ ନ ଦର୍ଶାଇ ମୋର ଚୁକ୍ତି ବାତିଲ କରାଯିବ ।

ସ୍ଥାନ -

ତାରିଖ - ଆବେଦନକାରୀଙ୍କ ସଂପୂର୍ଣ୍ଣ ସାକ୍ଷର

(ଗ) ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରିରୀକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ଘୋଷଣା ।

ମୁଁ ଶ୍ରୀ ........................................................ ପିତା........................................
ଗ୍ରାମ.................................................ପୋ:ଅ:.............................................
ଥାନା ...................................... ଜିଲ୍ଲା ........................ ଏତଦ୍ଵାରା ଘୋଷଣା କରୁଅଛି କି, ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରିରୀକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ଦକ୍ଷତା ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ସଂପୂର୍ଣ୍ଣ ସକ୍ଷମ ଓ ସୁସ୍ଥ । ପରୀକ୍ଷା ହେବା ସମୟରେ ମୁଁ କୌଣସି ଶାରୀରିକ ଆଘାତପ୍ରାପ୍ତ ହେଲେ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲେ ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

ସ୍ଥାନ -

ତାରିଖ -

ଆବେଦନକାରୀଙ୍କ ସଂପୂର୍ଣ୍ଣ ସାକ୍ଷର